# NATIONAL NEWS BULLETIN (ODIA)
## 14 March - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଆଗାମୀ ଲୋକସଭା ନିର୍ବାଚନ ପାଇଁ ବିଜେପି ୭୨ ଜଣିଆ ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍ ସ୍ୱନିଧି ହିତାଧିକାରୀଙ୍କୁ ସମ୍ବୋଧିତ କରିବେ ।
- ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଆକାଶବାଣୀ ଏବଂ ଦୂରଦର୍ଶନ ସମ୍ବାଦର ନୂଆ ୱେବସାଇଟ୍ ଉନ୍ମୋଚନ କରିଛନ୍ତି ।
- ଆଜି ବିଶ୍ୱ କିଡ୍‌ନୀ ଦିବସ ।

– ଏହି ଦିବସର ବାର୍ତ୍ତା ରହିଛି 'କିଡ୍‌ନୀ ସ୍ୱାସ୍ଥ୍ୟ ଓ ଏହାର ଯତ୍ନ' ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ପରାସ୍ତ କରିଛି ।

# ବିଜେପି ସେକେଣ୍ଡ ଲିଷ୍ଟ

ଆଗାମୀ ଲୋକସଭା ନିର୍ବାଚନ ପାଇଁ ବିଜେପି ଗତ ସନ୍ଧ୍ୟାରେ ୭୨ ଜଣିଆ ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି । କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର ହିମାଚଳ ପ୍ରଦେଶର ହମିରପୁରରୁ, ନୀତିନ ଗଡ଼କରୀ ନାଗପୁରରୁ, ପୀୟୂଷ ଗୋୟଲ ଉତ୍ତର ମୁମ୍ବାଇରୁ ଏବଂ ଡାକ୍ତର ଭାରତୀ ପ୍ରବୀଣ ପାୱାର ମହାରାଷ୍ଟ୍ରର ଡିଣ୍ଡୋରିରୁ ନିର୍ବାଚନ ଲଢ଼ିବେ । କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଧାରୱାଡରୁ, ଶୋଭା କରନ୍ଦଲାଜେ ଉତ୍ତର ବେଙ୍ଗାଲୁରୁରୁ ଏବଂ ଭଗବନ୍ତ ଖୁବା କର୍ଣ୍ଣାଟକର ବିଦର ଲୋକସଭା ଆସନରୁ ନିର୍ବାଚନ ଲଢ଼ିବେ । ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ କରନାଲ ଏବଂ କେନ୍ଦ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ଫରିଦାବାଦ ଆସନରୁ ନିର୍ବାଚନ ଲଢ଼ିବେ । ହରିଦ୍ୱାରରୁ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାୱତ ଏବଂ ହାବେରୀ ଆସନରୁ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଦଳ ପ୍ରାର୍ଥୀ କରିଛି ।

ଦିଲ୍ଲୀର ବାକି ଦୁଇଟି ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଛି । ହର୍ଷ ମାଲହୋତ୍ରାଙ୍କୁ ପୂର୍ବ ଦିଲ୍ଲୀରୁ ଏବଂ ଯୋଗେନ୍ଦ୍ର ଚାନ୍ଦୋଲିଆଙ୍କୁ ଉତ୍ତର ପଶ୍ଚିମ ଦିଲ୍ଲୀରୁ ପ୍ରାର୍ଥୀ କରାଯାଇଛି ।

ଏହି ତାଲିକାରେ ମହାରାଷ୍ଟ୍ର ଓ କର୍ଣ୍ଣାଟକରୁ ୨୦ ଜଣ ଲେଖାଏଁ, ହରିୟାଣା ଓ ତେଲେଙ୍ଗାନାରୁ ୬ ଜଣ ଲେଖାଏଁ, ଗୁଜରାଟରୁ ୭ ଜଣ, ମଧ୍ୟପ୍ରଦେଶରୁ ୫ ଜଣ, ଦିଲ୍ଲୀ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରୁ ୨ ଜଣ ଲେଖାଏଁ ଓ ତ୍ରିପୁରା ଏବଂ ଦାଦରାଓ ନଗର ହାଭେଲିରୁ ଜଣେ

ଲେଖାଏଁ ପ୍ରାର୍ଥୀ ରହିଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଛି।

# ପିଏମ୍-ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ସ୍ୱନିଧି ହିତାଧିକାରୀଙ୍କୁ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ୫ ହଜାର ଭେଣ୍ଡରଙ୍କ ସମେତ ୧ ଲକ୍ଷ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଏହି ଯୋଜନା ଅଧୀନରେ ଋଣ ବଣ୍ଟନ କରିବେ। ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋର ଚତୁର୍ଥ ପର୍ଯ୍ୟାୟର ଦୁଇଟି ଅତିରିକ୍ତ କରିଡରର ଶିଳାନ୍ୟାସ କରିବେ। ଏହା ହେଉଛି ଲାଜପତ ନଗରରୁ ସାକେତ-ଜି ବ୍ଲକ କରିଡର ଏବଂ ଇନ୍ଦ୍ରଲୋକରୁ ଇନ୍ଦ୍ରପ୍ରସ୍ଥ କରିଡର, ଯାହାର ଲମ୍ବ ୨୦ କିଲୋମିଟରରୁ ଅଧିକ ହେବ। ପ୍ରସ୍ତାବିତ କରିଡର ଯୋଗାଯୋଗରେ ଉନ୍ନତି ଆଣିବ ଏବଂ ଟ୍ରାଫିକ୍ ଭିଡ଼ ହ୍ରାସ କରିବ ବୋଲି ଆଶା କରାଯାଉଛି।

# ଅନୁରାଗ ଠାକୁର-ପ୍ରସାର ଭାରତୀ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ନୂଆଦିଲ୍ଲୀରେ ଆକାଶବାଣୀ ଏବଂ ଦୂରଦର୍ଶନ ସମ୍ବାଦର ନୂଆ ୱେବସାଇଟ୍ ଉନ୍ମୋଚନ କରିଛନ୍ତି। ଶ୍ରୀ ଠାକୁର ନ୍ୟୁଜ ଅନ୍ ଏ.ଆଇ.ଆର୍. ଆପ୍‌ର ଅପ୍‌ଡେଟେଡ୍ ଭର୍ସନ୍ ମଧ୍ୟ ଉନ୍ମୋଚନ କରିଥିଲେ। ପ୍ରସାର ଭାରତୀ ପ୍ରସାରଣ ପାଇଁ ସେ ଏକ ଅଡିଓ ଭିଜୁଆଲ୍ - ଶବ୍ଦ ମଧ୍ୟ ଜାରି କରିଛନ୍ତି।

ଏହି ଅବସରରେ ଶ୍ରୀ ଠାକୁର କହିଥିଲେ ଯେ ସାର୍ବଜନୀନ ପ୍ରସାରଣକାରୀ ଭାବରେ ଦୂରଦର୍ଶନ ଏବଂ ଆକାଶବାଣୀ ବର୍ଷ ବର୍ଷ ଧରି ସେବା ପ୍ରଦାନ କରିଆସୁଛନ୍ତି। ନିଜ ନେଟୱର୍କ ଜରିଆରେ ଉଭୟ ସରକାରୀ ପ୍ରସାରଣକାରୀ ଦେଶର କୋଣ ଅନୁକୋଣରେ ସ୍ଥାନୀୟ ଭାଷାକୁ ପ୍ରୋତ୍ସାହନ ଦେଇ ସମସ୍ତ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ଠାକୁର କହିଛନ୍ତି ଯେ ପ୍ରସାର ଭାରତୀ ଏବେ ସମ୍ବାଦ ସଂସ୍ଥାଗୁଡ଼ିକୁ ବିଭିନ୍ନ ଭାଷାରେ ଭିଡିଓ, ଅଡିଓ, ଫଟୋ ଏବଂ ପଠନ ସାମଗ୍ରୀ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି। ସେ ଏହାକୁ ଏକ ବୈପ୍ଳବିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ଶ୍ରୀ ଠାକୁର କହିଥିଲେ ଯେ ଗତ ଆଠ ଦଶନ୍ଧି ଧରି ଆକାଶବାଣୀ ସୂଚନା ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। କୋଭିଡ ମହାମାରୀ ସମୟରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଥିଲା ବୋଲି ସେ କହିଛନ୍ତି। ଶ୍ରୀ ଠାକୁର କହିଥିଲେ ଯେ ସରକାରୀ ଯୋଜନା ବିଷୟରେ ଖବର ଏବଂ ସୂଚନା ପାଇବା ପାଇଁ ନ୍ୟୁଜ ଅନ ଏଆଇଆର ଆପ୍ ଏକ ଶକ୍ତିଶାଳୀ ମାଧ୍ୟମ।

ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି ଯେ ଖବରକାଗଜ ଏବଂ ନ୍ୟୁଜ୍ ନେଟୱାର୍କ ସବୁବେଳେ ଏକାଧିକ ଉତ୍ସ ଉପରେ ନିର୍ଭର କରିଥାଏ। ପ୍ରସାର ଭାରତୀର ଶବ୍ଦ, ସଂଶୋଧିତ ୱେବସାଇଟ୍ ଏବଂ ଆପ୍ ସମ୍ବାଦ ସଂସ୍ଥା ଓ ଲୋକଙ୍କ ପାଖରେ ସୂଚନା ପହଞ୍ଚାଇବାରେ ସହାୟକ ହେବ ବୋଲି ସେ କହିଥିଲେ।

ଏହି ଅବସରରେ ପ୍ରସାର ଭାରତୀର ସିଇଓ ଗୌରବ ଦ୍ୱିବେଦୀ କହିଛନ୍ତି ଯେ ପ୍ରସାର ଭାରତୀ ଗଣମାଧ୍ୟମ ସଂସ୍ଥା ସହ ଯୋଗାଯୋଗ କରିବ ଏବଂ ଏହାର ନେଟୱାର୍କ ଦ୍ୱାରା ସଂଗ୍ରହ କରାଯାଇଥିବା ଅଡିଓ, ଭିଡିଓ, ଫଟୋ ଏବଂ ପଠନ ସାମଗ୍ରୀ ସେୟାର କରିବ।

## ହେଲ୍‌ଥ ନିଟ୍ ସେଣ୍ଟର

ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କୌଣସି ଜାତୀୟ ପ୍ରବେଶିକା ଓ ଯୋଗ୍ୟତା ପରୀକ୍ଷା- ମାଷ୍ଟର ଅଫ୍ ଡେଣ୍ଟାଲ ସର୍ଜରୀ, ନିଟ୍ ଏମଡିଏସ୍ ପରୀକ୍ଷା କେନ୍ଦ୍ର ନାହିଁ ବୋଲି ଗଣମାଧ୍ୟମରେ ପ୍ରକାଶିତ ଖବରକୁ କେନ୍ଦ୍ର

ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଖଣ୍ଡନ କରିଛି। ମନ୍ତ୍ରଣାଳୟ କହିଛି ଯେ ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ପରୀକ୍ଷା କେନ୍ଦ୍ର ଅଛି ଯାହାଶିଲଙ୍ଗ, ନାହରଲାଗୁନ, କୋହିମା, ଆଇଜୋଲ, ଗୌହାଟୀ ଏବଂ କୋଲକାତାରେ ରହିଛି। ଏହାବ୍ୟତୀତ ଚଳିତ ମାସ ୧୧ ତାରିଖରେ ଶେଷ ହୋଇଥିବା ନିଟ୍-ଏମଡିଏସ୍ ୨୦୨୪ର ଦ୍ୱିତୀୟ ଆବେଦନରେ ମାତ୍ର ୫୬୦ ଜଣ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି।

## ହାଲ୍ ଏମ୍ଓୟୁ

ପ୍ରତିରକ୍ଷା ମନ୍ତ୍ରଣାଳୟ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ସହ ୩୪ଟି ଅତ୍ୟାଧୁନିକ ହାଲୁକା ହେଲିକପ୍ଟର କିଣିବା ପାଇଁ ୮ ହଜାର ୭୩ କୋଟି ଟଙ୍କାର ଦୁଇଟି ଚୁକ୍ତି ସ୍ୱାକ୍ଷର କରିଛି। ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ସେନା ପାଇଁ ସ୍ୱଦେଶୀ ଭାବରେ ଡିଜାଇନ୍, ବିକଶିତ ଏବଂ ଉତ୍ପାଦିତ ୨୫ଟି ଉନ୍ନତ ହାଲୁକା ହେଲିକପ୍ଟର ଏବଂ ଭାରତୀୟ ତଟରକ୍ଷୀ ବାହିନୀ ପାଇଁ ୯ଟି ଅତ୍ୟାଧୁନିକ ହାଲୁକା ହେଲିକପ୍ଟର କିଣିବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସାମୁଦ୍ରିକ ନିରୀକ୍ଷଣ, ଅନୁସନ୍ଧାନ, ଉଦ୍ଧାର, କାର୍ଗୋ ଏବଂ କର୍ମଚାରୀ ପରିବହନ ଭଳି କାର୍ଯ୍ୟ ନିମନ୍ତେ ସମୁଦ୍ର ମଧ୍ୟରେ କାର୍ଯ୍ୟ କରିବା ପାଇଁ ଏହି ହେଲିକପ୍ଟରଗୁଡ଼ିକୁ ଡିଜାଇନ୍ କରାଯାଇଛି ବୋଲି ମନ୍ତ୍ରଣାଳୟ

କହିଛି। ପ୍ରତିରକ୍ଷା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଉପରେ ଏହି ପ୍ରକଳ୍ପର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମନ୍ତ୍ରଣାଳୟ କହିଛି।

## ରିଜର୍ଭ ବ୍ୟାଙ୍କ୍

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା କେତେକ ନିର୍ଦ୍ଦେଶ ପାଳନ ନ କରିବା ଯୋଗୁ ବ୍ୟାଙ୍କ ଅଫ ଇଣ୍ଡିଆ ଉପରେ ୧ କୋଟି ୪୬ ଲକ୍ଷ ଛଅସ୍ତରୀ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଛି। ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କ ଜମା ଉପରେ ସୁଧ ହାର, ବ୍ୟାଙ୍କରେ ଗ୍ରାହକ ସେବା ଓ ଅଗ୍ରିମ ଋଣ ଉପରେ ସୁଧ ହାର ଆଦି ନିୟମ ଉଲ୍ଲଂଘନ କରିଛି।

ସୁଧ ହାର ନିର୍ଦ୍ଦେଶାବଳୀ, ୨୦୧୬ ଅନୁଯାୟୀ କେତେକ ନିର୍ଦ୍ଦେଶାବଳୀ ପାଳନ ନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବନ୍ଧନ ବ୍ୟାଙ୍କ ଲିମିଟେଡ ଉପରେ ମଧ୍ୟ ୨୯ ଲକ୍ଷ ୫୫ ହଜାର ଟଙ୍କାର ଆର୍ଥିକ ଜରିମାନା ଲଗାଇଛି। ଏହା ବ୍ୟତୀତ ଆରବିଆଇ ଇଣ୍ଡୋଷ୍ଟାର କ୍ୟାପିଟାଲ ଫାଇନାନ୍ସ ଲିମିଟେଡ ଉପରେ ମଧ୍ୟ ସମାନ ୧୩ ଲକ୍ଷ ୬୦ ହଜାର ଟଙ୍କାର ଜରିମାନା ଲଗାଇଛି।

# ବିଶ୍ୱ କୀଡ୍‌ନୀ ଦିବସ

ଆଜି ବିଶ୍ୱ କିଡ୍‌ନୀ ଦିବସ । କିଡ୍‌ନୀର ସ୍ୱାସ୍ଥ୍ୟ ଏବଂ ଏହାର ସ୍ୱାଭାବିକ କାର୍ଯ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ଗୁରୁବାର ଦିନ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘କିଡ୍‌ନୀ ସ୍ୱାସ୍ଥ୍ୟ ଓ ଏହାର ଯତ୍ନ’ । କିଡ୍‌ନୀ ହେଉଛି ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ଏହାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କିଡ୍‌ନୀ ଜନିତ ରୋଗରେ ଗୋଡ଼ ଫୁଲିବା, ଉଚ୍ଚ ରକ୍ତଚାପ, କମ୍ ହିମୋଗ୍ଲୋବିନ୍ ଏବଂ ହାଡ଼ ଦୁର୍ବଳ ହେବା ଭଳି ଲକ୍ଷଣ ଦେଖାଦେଇଥାଏ । କିଡ୍‌ନୀ ରୋଗରୁ ରକ୍ଷା ପାଇବା ପାଇଁ ନିୟମିତ ଶାରୀରିକ ବ୍ୟାୟାମ, ସନ୍ତୁଳିତ ଆହାର, ଓଜନ ନିୟନ୍ତ୍ରଣ ଏବଂ କମ୍ ଲୁଣ ସେବନ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ଅଟେ ।

# ଜିଏସ୍‌ଟି ପୋଲିସ୍ ଷ୍ଟୋର୍

କଲ୍ୟାଣମୂଳକ ପଦକ୍ଷେପ ସ୍ୱରୂପ କେନ୍ଦ୍ରୀୟ ପୋଲିସ କଲ୍ୟାଣ ଭଣ୍ଡାରରୁ ସାମଗ୍ରୀ କ୍ରୟ ଉପରେ ସାମଗ୍ରୀ ଓ ସେବା ଟିକସ - ଜିଏସଟି

ଉପରେ ୫୦ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ୨୦୨୪ ଏପ୍ରିଲ ପହିଲାରୁ ଲାଗୁ ହେବ। କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ, କେନ୍ଦ୍ରୀୟ ପୁଲିସ ସଂଗଠନ ଏବଂ ରାଜ୍ୟ ପୁଲିସ ବାହିନୀରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଉପକୃତ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ରୀୟ ପୋଲିସ କଲ୍ୟାଣ ଭଣ୍ଡାର ୨୦୦୬ରେ ସ୍ଥାପିତ ହୋଇଥିଲା। ସମଗ୍ର ଭାରତରେ ଏହାର ୧୧୯ଟି ମୁଖ୍ୟ ଭଣ୍ଡାର ଏବଂ ୧୭୦୦ରୁ ଅଧିକ ସହାୟକ ଭଣ୍ଡାର ରହିଛି। ଏହା ଜରିଆରେ ପୋଲିସ ବାହିନୀ କର୍ମଚାରୀଙ୍କୁ ଶସ୍ତାରେ ସାମଗ୍ରୀ ଉପଲବ୍ଧ କରାଯାଉଛି।

## ଇଭି-ସ୍କିମ୍

ଦେଶରେ ଇଲେକ୍ଟ୍ରୋନିକ୍ ଯାନ-ଇଭି କ୍ରୟକୁ ତ୍ୱରାନ୍ୱିତ କରିବା ପାଇଁ ଭାରୀ ଶିଳ୍ପ ମନ୍ତ୍ରଣାଳୟ ଇଲେକ୍ଟ୍ରିକ୍ ମୋବିଲିଟି ପ୍ରମୋସନ ସ୍କିମ୍ ୨୦୨୪ ଘୋଷଣା କରିଛି। ମନ୍ତ୍ରଣାଳୟ କହିଛି, ଏହି ଯୋଜନା ଅଧୀନରେ ୪ ମାସ ପାଇଁ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ଏପ୍ରିଲ ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ। ପଞ୍ଜୀକୃତ ଇ-

ରିକ୍ସା, ଇ-କାର୍ଟ ଏବଂ ଏଲ୍-୫ ଅଟୋମୋବାଇଲ୍ ସମେତ କେବଳ ଇଲେକ୍ଟ୍ରିକ୍ ଦୁଇ ଚକିଆ ଓ ତିନି ଚକିଆ ଯାନକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏହାବ୍ୟତୀତ ଉନ୍ନତ ଜ୍ଞାନକୌଶଳର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କେବଳ ଉନ୍ନତ ବ୍ୟାଟେରୀ ଥିବା ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହନ ଦିଆଯିବ।

ମନ୍ତ୍ରଣାଳୟ ଆକଳନ କରିଛି ଯେ ଏହି ଯୋଜନା ୩ ଲକ୍ଷ ୭୨ ହଜାରରୁ ଅଧିକ ଇଲେକ୍ଟ୍ରିକ୍ ଯାନକୁ ସାହାଯ୍ୟ କରିବ। ମନ୍ତ୍ରଣାଳୟ କହିଛି ଯେ ଏହା ଦ୍ରୁତ ଗତିରେ ଇଲେକ୍ଟ୍ରିକ୍ ଯାନଗ୍ରହଣକୁ ପ୍ରୋତ୍ସାହିତ କରିବ ଏବଂ ଦେଶରେ ଗ୍ରୀନ୍ ମୋବିଲିଟି ଏବଂ ଇଭି ଉତ୍ପାଦନ ଇକୋ-ସିଷ୍ଟମର ବିକାଶକୁ ଅଧିକ ପ୍ରୋତ୍ସାହନ ଦେବ।

## ପ୍ରେସିଡେଣ୍ଟ ମରିସସ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସ ଗସ୍ତ ସାରି ଦିଲ୍ଲୀ ଫେରି ଆସିଛନ୍ତି। ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ବିଦାୟ ଦେଇଥିଲେ। ଗସ୍ତର ଶେଷ ଦିନରେ ମରିସସର ନ୍ୟାସନାଲ ଆସେମ୍ବଲିରେ ପ୍ରତିନିଧି ସ୍ତରୀୟ ଆଲୋଚନା

ହୋଇଥିଲା । ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ଯୋଗ ଦେଇଥିଲେ ।

ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ଅଧୀନରେ ମରିସସର ଲୋକସେବା ଆୟୋଗ ଏବଂ ଭାରତୀୟ କେନ୍ଦ୍ରୀୟ ଲୋକସେବା ଆୟୋଗ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଦ୍ୱିତୀୟ ଚୁକ୍ତିରେ ଭାରତ ଓ ମରିସସ୍ ମଧ୍ୟରେ ଡବଲ୍ ଟ୍ୟାକ୍ସେସନ୍ ଚୁକ୍ତିରେ ସଂଶୋଧନ ଅନ୍ତର୍ଭୁକ୍ତ ଥିଲା । ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସ ସେଣ୍ଟର ଅଥରିଟି- ଗିଫ୍ଟ ସିଟି ଏବଂ ମରିସସର ଫାଇନାନ୍ସିଆଲ ସର୍ଭିସ କମିଶନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ଅଫ୍ ଇଣ୍ଡିଆ ଏବଂ ମରିସସର ଆର୍ଥିକ ଅପରାଧ ଆୟୋଗ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ ମଧ୍ୟ ଭାରତ ସହାୟତାରେ ୧୪ଟି କ୍ଷୁଦ୍ର ବିକାଶ ପ୍ରକଳ୍ପର ଭର୍ଚୁଆଲ ଶୁଭାରମ୍ଭ କରିଛନ୍ତି । ଭାରତ ଦ୍ୱାରା ଅନୁଦାନପ୍ରାପ୍ତ ନୂତନ ଫରେନସିକ୍ ସାଇନ୍ସ ଲାବୋରେଟୋରୀର ଶିଳାନ୍ୟାସ ମଧ୍ୟ କରାଯାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ସମ୍ପର୍କରେ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି ଯେ ଭାରତ ଓ ମରିସସ ମଧ୍ୟରେ ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି। ସେ କହିଥିଲେ ଯେ, ଭାରତର ପଡ଼ୋଶୀ ପ୍ରଥମ ନୀତି, ସାଗର ଇନିସିଏଟିଭ୍ ଏବଂ ଆଫ୍ରିକୀୟ ଦେଶମାନଙ୍କ ସହ ଯୋଗାଯୋଗରେ ମରିସସ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର। ଶ୍ରୀ କ୍ୱାତ୍ରା କହିଥିଲେ ଯେ ଭାରତ ସହାୟତାରେ ୯୬ଟି ଗୋଷ୍ଠୀ ବିକାଶ ପ୍ରକଳ୍ପ ସମଗ୍ର ମରିସସରେ ବ୍ୟାପିଛି।

# ପିଏମ୍-ସୁରଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପ୍ରଧାନମନ୍ତ୍ରୀ ସାମାଜିକ ଉନ୍ନତି ଏବଂ ନିଯୁକ୍ତି ଭିତ୍ତିକ ଜନକଲ୍ୟାଣ ଯୋଜନା' - ପିଏମ-ସୁରଜ ଜାତୀୟ ପୋର୍ଟାଲ ଉନ୍ମୋଚନ କରିବା ସହ ଗରିବ ସମ୍ପ୍ରଦାୟର ଏକ ଲକ୍ଷ ଉଦ୍ୟୋଗୀଙ୍କ ପାଇଁ ଋଣ ସହାୟତାକୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁସୂଚିତ ଜାତି, ପଛୁଆ ବର୍ଗ ଏବଂ ସଫେଇ କର୍ମଚାରୀଙ୍କ ସମେତ ଅବହେଳିତ ବର୍ଗର ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପିଏମ-ସୁରଜ ନ୍ୟାସନାଲ ପୋର୍ଟାଲ ଗରିବ ଲୋକଙ୍କୁ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ପ୍ରତୀକ। ସମାଜର ସବୁଠାରୁ ଦୁର୍ବଳ

ଶ୍ରେଣୀର ଉନ୍ନତି ପାଇଁ ଏହି ପରିବର୍ତ୍ତନମୂଳକ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ୪୭୦ରୁ ଅଧିକ ଜିଲ୍ଲାର ଅବହେଳିତ ବର୍ଗର ବିଭିନ୍ନ ସରକାରୀ ଯୋଜନାର ପ୍ରାୟ ୩ ଲକ୍ଷ ହିତାଧିକାରୀ ଯୋଗ ଦେଇଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଏହା ଗରିବ ଲୋକଙ୍କୁ ପ୍ରାଥମିକତା ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ୭୨୦ କୋଟି ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ଗରିବ ବର୍ଗର ଏକ ଲକ୍ଷ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର ସମ୍ପର୍କରେ ଶ୍ରୀ ମୋଦୀ କହିଥିଲେ ଯେ ପୂର୍ବ ସରକାରମାନଙ୍କ ସମୟରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରର ଏଭଳି ବ୍ୟବସ୍ଥା ନ ଥିଲା। ଦଳିତ, ଅବହେଳିତ ଏବଂ ପଛୁଆ ସଂପ୍ରଦାୟମାନଙ୍କ ପାଖରେ କଲ୍ୟାଣକାରୀ ଯୋଜନା ସହଜରେ ପହଞ୍ଚୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ।

ବଞ୍ଚିତ ବର୍ଗଙ୍କ ବିକାଶ ବିନା ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ସଶକ୍ତ କରିବା ପାଇଁ ସରକାର ଯଥାସମ୍ଭବ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଏହି ସମ୍ପ୍ରଦାୟଗୁଡ଼ିକୁ ସହାୟତା ଦ୍ୱିଗୁଣିତ ହୋଇଛି।

ଚଳିତ ବର୍ଷ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ସରକାର ପ୍ରାୟ ୧ ଲକ୍ଷ ୬୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ଇଣ୍ଡିଆ-ଇଟାଲୀ ଏମ୍‌ସିଜି

ଭାରତ-ଇଟାଲୀ ସାମରିକ ସହଯୋଗ ଗୋଷ୍ଠୀର ଦ୍ୱାଦଶ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ବୈଠକରେ ପ୍ରତିରକ୍ଷା ସହଯୋଗକୁ ଆହୁରି ବଢ଼ାଇବା ଏବଂ ଦୁଇ ଦେଶ ମଧ୍ୟରେ ସାମରିକ ସ୍ତରରେ ଆଦାନ ପ୍ରଦାନ ପାଇଁ ନୂତନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଅନ୍ତର୍ଜାତୀୟ ପ୍ରତିରକ୍ଷା ସହଯୋଗ ନିର୍ଦ୍ଦେଶାଳୟ, ମୁଖ୍ୟାଳୟ ସମନ୍ୱିତ ପ୍ରତିରକ୍ଷା କର୍ମଚାରୀ ଏବଂ ଇଟାଲୀ ପ୍ରତିରକ୍ଷା ଜେନେରାଲ ଷ୍ଟାଫର ସାମରିକ ନୀତି ଏବଂ ଯୋଜନା ବିଭାଗ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

୨୦୨୩ ମାର୍ଚ୍ଚରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ଭାରତ ଗସ୍ତ ସମୟରେ ଇଟାଲୀ ଏବଂ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ରଣନୈତିକ ଭାଗିଦାରୀ ସ୍ତରକୁ ବୃଦ୍ଧି ପାଇଛି। ୨୦୨୩ ଅକ୍ଟୋବରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଇଟାଲୀ ଗସ୍ତ ସମୟରେ ପ୍ରତିରକ୍ଷା ସହଯୋଗ ପାଇଁ ବୁଝାମଣାପତ୍ର ମଧ୍ୟ ନବୀକରଣ କରାଯାଇଥିଲା।

## ବ୍ୟାଡ୍‌ମିଣ୍ଟନ୍

ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପରେ ମହିଳା ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନ୍ନାପ୍ପା ଓ ତନିଶା କ୍ରେଷ୍ଟୋ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବ୍ରିଟେନର ବର୍ମିଂହାମରେ ଏହି ଯୋଡି ହଂକଂର ୟୁଙ୍ଗ ନଗା ଟିଙ୍ଗ ଏବଂ ୟୁଙ୍ଗ ପୁଲ ଲେମଙ୍କୁ ସିଧାସଳଖ ସେଟ୍ ୨୧-୧୩, ୨୧-୧୮ରେ ପରାସ୍ତ କରିଛନ୍ତି।

ଅନ୍ୟ ଏକ ମ୍ୟାଚରେ ଇଣ୍ଡୋନେସିଆର ଚିକୋ ଓରା ୧୯-୨୧, ୨୧-୧୧ ଓ ୯-୨୧ ସେଟରେ ପ୍ରିୟାଂଶୁ ରାଜାଓ୍ୱତଙ୍କୁ ପରାସ୍ତ କରିଥିବା ବେଳେ ଲକ୍ଷ୍ୟ ସେନ୍ ୨୧-୧୪, ୨୧-୧୪ ସେଟରେ ଡେନମାର୍କର ମ୍ୟାଗ୍ନସ୍ ଜୋହାନସନଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

## ଉଇମେନ୍ ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୧୩ ଓଭର ଓ ଗୋଟିଏ ବଲରେ ୩ ୱିକେଟ୍ ହରାଇ ୧୨୯ ରନ୍ କରିଥିଲା। ଏହା ପୂର୍ବରୁ

ଗୁଜରାଟର ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସକୁ, ଗୁଜରାଟ ଜାଏଣ୍ଟସ ୧୨୭ ରନର ଟାର୍ଗେଟ ଦେଇଥିଲା। ଟସ୍ ଜିତି ଗୁଜୁରାଟ ଜାଏଣ୍ଟସ୍ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଗୁଜୁରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା।

ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ଟେବୁଲର ଶୀର୍ଷରେ ରହି ସିଧାସଳଖ ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍ ଆସନ୍ତାକାଲି ପ୍ଲେଅଫରେ ମୁହାଁମୁହିଁ ହେବେ। ଏହି ମ୍ୟାଚର ବିଜେତା ଦଳ ରବିବାର ସେହି ପଡ଼ିଆରେ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ।